ଉଚ୍ଚଶିକ୍ଷା ବିଭାଗ
ଓଡ଼ିଶା ସରକାର

# ମୋ କଲେଜ ଅଭିଯାନ

ଆମ ଗୌରବ | ଆମ ସମ୍ମାନ



ଅତ୍ୟାଧୁନିକ ଜ୍ଞାନକୌଶଳ
କ୍ରୀଡ଼ା ଡିଜିଟାଲ ଗବେଷଣା
ପରିବେଶ ଶିକ୍ଷା ଉଚ୍ଚଶିକ୍ଷା ଦକ୍ଷତା ବିକାଶ
ଦେଶ ଗଠନ ସୃଜନଶୀଳତା ବ୍ୟକ୍ତିତ୍ୱ ବିକାଶ
ସ୍ୱେଚ୍ଛାସେବୀ ମନୋଭାବ ନିଯୁକ୍ତି କଳା
ପ୍ରତିଭା ଯୋଗାଯୋଗ ଦକ୍ଷତା

# ନିବେଦନ

**ପ୍ରିୟ ମହାଶୟା/ ମହାଶୟ,**

ଶିକ୍ଷା ହେଉଛି ବିକାଶର ମୂଳ ମନ୍ତ୍ର । ଆମ ରାଜ୍ୟରେ ଉଚ୍ଚଶିକ୍ଷା, ବୈଷୟିକ ଶିକ୍ଷା ଓ ତାଲିମ ଏବଂ ବୃତ୍ତିଗତ ପାଠ୍ୟକ୍ରମ ଲାଗି ପ୍ରତିଷ୍ଠା କରାଯାଇଥିବା ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଓ ପରିବେଶରେ ପରିବର୍ତ୍ତନ କରାଯାଇପାରିଲେ ଆମ ଭବିଷ୍ୟତ ପିଢ଼ିଙ୍କୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାରେ ଏହା ବେଶ୍ ସହାୟକ ହେବ । ଏହି ଉଦ୍ୟମକୁ ଆପଣମାନଙ୍କ ସହାୟତାରେ ଆଗେଇ ନେବା ଲାଗି ଆମେ ଆରମ୍ଭ କରିଛୁ ‘ମୋ କଲେଜ’ ଅଭିଯାନ ।

ବାସ୍ତବରେ ଆମ କଲେଜ ଆମ ସମସ୍ତଙ୍କ ପାଇଁ ଆଣି ଦେଇଥାଏ ଅନେକ ମଧୁର ସ୍ମୃତି ଓ ଅନୁଭୂତି । ଶିକ୍ଷା ଓ ଜ୍ଞାନ ଆହରଣ ସହ ଜୀବନକୁ ନୂଆ ମୋଡ଼ ଦେଇଥାଏ ଆମ କଲେଜ । ବିଭିନ୍ନ କଲେଜରେ ଅଧ୍ୟୟନରତ ଆଜିର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ନୂଆ ଦିଗ୍‌ଦର୍ଶନ ଦେବ ‘ମୋ କଲେଜ’ ଅଭିଯାନ ।

ଆପଣ ନିଜର ମେଧା, ଦକ୍ଷତା ଏବଂ କଠିନ ପରିଶ୍ରମ ବଳରେ ଆଜି ସମାଜରେ ନିଜ ପାଇଁ ଏକ ପରିଚୟ ସୃଷ୍ଟି କରିପାରିଛନ୍ତି । ଆପଣଙ୍କର ଏହି ସଫଳତା ପଛରେ ଆପଣ ପାଠ ପଢ଼ିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ବିଶେଷ ଭୂମିକା ରହିଛି । ତେଣୁ ଶିକ୍ଷାନୁଷ୍ଠାନର ସେହି ଅବିସ୍ମରଣୀୟ ଅବଦାନକୁ ମନେପକାଇ ‘ମୋ ସ୍କୁଲ’ ଭଳି ‘ମୋ କଲେଜ’ ଅଭିଯାନରେ ସାମିଲ ହେବା ପାଇଁ ମୁଁ ଆପଣମାନଙ୍କୁ ଆହ୍ୱାନ କରୁଛି ।

ଦେଶ ଭିତରେ ତଥା ବାହାରେ ଥିବା ପୁରାତନ ଛାତ୍ରଛାତ୍ରୀ, ଅଭିଭାବକଙ୍କ ସହ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ଆମେ ଆମ ରାଜ୍ୟର ସରକାରୀ ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ଏକ ନୂଆ ଶିଖରକୁ ନେଇପାରିବା । ତା’ ସାଙ୍ଗକୁ ଆଗାମୀ ପିଢ଼ିର ଭବିଷ୍ୟତ ତିଆରି ଲାଗି ମଧ୍ୟ ଏକ ବଳିଷ୍ଠ ମାଧ୍ୟମ ହୋଇପାରିବା ।

‘ମୋ କଲେଜ’ ଅଭିଯାନରେ ସାମିଲ୍ ହେବା ପାଇଁ ଆପଣ ଆଗ୍ରହୀ ହୁଅନ୍ତୁ ଏବଂ ଅନ୍ୟମାନଙ୍କୁ ପ୍ରୋତ୍ସାହିତ କରନ୍ତୁ । ଆମେ ସମସ୍ତେ ମିଳିମିଶି ଏହି ନୂତନ ଚିନ୍ତାଧାରାକୁ ବାସ୍ତବତାରେ ପରିଣତ କରିବା ।

ବନ୍ଦେ ଉତ୍କଳ ଜନନୀ ।

ଆପଣଙ୍କର

ନବୀନ ପଟ୍ଟନାୟକ

ମୁଖ୍ୟମନ୍ତ୍ରୀ

# ମୋ ପାଇଁ 'ମୋ କଲେଜ' ଅଭିଯାନ

ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କର ଏକ ଅଭିନବ ପରିକଳ୍ପନା – 'ମୋ କଲେଜ' ଅଭିଯାନ । ନିଜର ପ୍ରିୟ କଲେଜ ଓ ବିଶ୍ୱବିଦ୍ୟାଳୟ ସହିତ ଆମର ଭାବଗତ ସଂପର୍କକୁ ପୁଣି ତାଜା ଓ ମଜଭୁତ କରିବା ପାଇଁ ଏହା ଆଣିଦେଇଛି ଏକ ସୁନ୍ଦର ସୁଯୋଗ । ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି:

- ରାଜ୍ୟରେ ଉଚ୍ଚଶିକ୍ଷାର ଭିତ୍ତିଭୂମି ଓ ପରିବେଶକୁ ଅଧିକ ବିକଶିତ ଓ ସମୟୋପଯୋଗୀ କରିବା
- ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ମନରେ ନୂତନ ଉତ୍ସାହ ସୃଷ୍ଟି କରିବା
- ଜୀବନର ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କୁ ଉତ୍ସାହ ଓ ପ୍ରେରଣା ଦେବା
- ଅତ୍ୟାଧୁନିକ ଜ୍ଞାନକୌଶଳ ସହ ସେମାନଙ୍କୁ ପରିଚିତ କରାଇବା
- ଯୁବପିଢ଼ିର ଦକ୍ଷତା ବୃଦ୍ଧି ଓ ବ୍ୟକ୍ତିତ୍ୱ ବିକାଶ ସହ ସେମାନଙ୍କର ନିଯୁକ୍ତି ସମ୍ଭାବନା ବଢ଼ାଇବା
- କ୍ରୀଡ଼ାକୁ ଶାରୀରିକ ଓ ମାନସିକ ବିକାଶର ଏକ ନୂଆ ଦିଗ ଭାବେ ଦେଖାଇବା
- ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ଭିତରେ ଥିବା ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା
- ଯୁବପିଢ଼ି ଭିତରେ ଯୋଗାଯୋଗ ଦକ୍ଷତା ବୃଦ୍ଧି ସହ ସେବା ମନୋଭାବକୁ ବୃଦ୍ଧି କରାଇବା
- ଦେଶ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସଂପର୍କରେ ସଜାଗ କରାଇବା

ଏହି ଲକ୍ଷ୍ୟ ଗୋଟିକ ପରେ ଗୋଟିଏ ହାସଲ କରିବାରେ ସହାୟକ ହେବା ପାଇଁ 'ମୋ କଲେଜ' ଅଭିଯାନ ସହ ଯୋଡ଼ି ହେବେ ଆପଣମାନେ । ନିଜର ଅତି ପ୍ରିୟ କଲେଜର ବିକାଶ ସହ ସିଧାସଳଖ ଯୋଡ଼ି ହେବା ଲାଗି 'ମୋ କଲେଜ' ଅଭିଯାନ ରାଜ୍ୟ ଭିତରେ ଓ ବାହାରେ ଥିବା ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ ତଥା ବିଭିନ୍ନ ଅନୁଷ୍ଠାନ – ସମସ୍ତଙ୍କୁ ଆହ୍ୱାନ କରୁଛି ।

# 'ମୋ କଲେଜ' ଅଭିଯାନ ପରିଚାଳନା ସଙ୍ଗଠନ

'ମୋ କଲେଜ' ଅଭିଯାନ ପରିଚାଳନା ସଙ୍ଗଠନ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ପ୍ରତିଷ୍ଠିତ ଏକ ସ୍ୱୟଂଶାସିତ ଅନୁଷ୍ଠାନ । ଏହା ଅଧୀନରେ ବର୍ତ୍ତମାନ ରାଜ୍ୟରେ ୧୫ଟି ସରକାରୀ ବିଶ୍ୱବିଦ୍ୟାଳୟ, ୫୦ଟି ସରକାରୀ ମହାବିଦ୍ୟାଳୟ, ୫୬୪ଟି ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ, ୬ଟି ସରକାରୀ ଲ' କଲେଜ, ୨୧ଟି ମେଡିକାଲ୍ କଲେଜ, ୩ଟି କୃଷି ବିଜ୍ଞାନ ମହାବିଦ୍ୟାଳୟ, ୪୫ଟି ଇଞ୍ଜିନିୟରିଂ ଓ ପଲିଟେକ୍ନିକ୍ ଶିକ୍ଷାନୁଷ୍ଠାନ, ୪ଟି ସରକାରୀ ବୃତ୍ତିଗତ ଶିକ୍ଷାନୁଷ୍ଠାନ ଏବଂ ୪୦ଟି ବିଏଡ୍ କଲେଜକୁ ସାମିଲ କରାଯାଇଛି । ମୋଟ ୭୫୧ଟି ଉଚ୍ଚଶିକ୍ଷା ଅନୁଷ୍ଠାନକୁ ନେଇ 'ମୋ କଲେଜ' କାର୍ଯ୍ୟକ୍ରମର ପରିଯୋଜନା କରାଯାଇଛି ।



# ‘ମୋ କଲେଜ’ ସହିତ ଆପଣ ଯୋଡ଼ି ହେବେ କିପରି ?

‘ମୋ କଲେଜ’ ଅଭିଯାନରେ ସାମିଲ ହୋଇ ଆପଣ ଓଡ଼ିଶାର ଯେକୌଣସି ସରକାରୀ ଉଚ୍ଚଶିକ୍ଷା ଅନୁଷ୍ଠାନର ସାମଗ୍ରିକ ଉନ୍ନତି ନିମନ୍ତେ ସହଯୋଗ କରିପାରିବେ । ହଁ, କେବଳ ଅର୍ଥ ନୁହେଁ, ଆପଣ ବ୍ୟକ୍ତିଗତ ଭାବେ ନିଜର ସମୟ ଦେବା ସହ ଅନୁଷ୍ଠାନର ଶିକ୍ଷା ଭିତ୍ତିଭୂମି ଓ ସାମଗ୍ରିକ ପରିବେଶର ଉନ୍ନତି ଲାଗି ବିଭିନ୍ନ ସେବା କିମ୍ବା ସାମଗ୍ରୀ ମଧ୍ୟ ପ୍ରଦାନ କରିପାରିବେ ।

- ଜଣେ ବ୍ୟକ୍ତି ହିସାବରେ, ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, କୌଣସି ସଙ୍ଗଠନ ବା କମ୍ପାନି ବା ଦାତବ୍ୟ ଅନୁଷ୍ଠାନ ହିସାବରେ ଆପଣ ସହଭାଗିତା କରିପାରିବେ ।
- ଦେଶ ବିଦେଶରେ ରହୁଥିବା ବ୍ୟକ୍ତିବିଶେଷ ମଧ୍ୟ ଆଜିର ଡିଜିଟାଲ୍ ମିଡିଆ ମାଧ୍ୟମରେ ବିଭିନ୍ନ କଲେଜ ସହ ଯୋଡ଼ିହୋଇ ୱେବିନାର ମାଧ୍ୟମରେ ନିଜର ଅନୁଭୂତିକୁ ନୂଆ ପିଢ଼ି ସହ ବାଣ୍ଟିପାରିବେ ।
- ଆପଣ ଜଣେ ସରକାରୀ କର୍ମଚାରୀ ହୁଅନ୍ତୁ କିମ୍ବା ସାମ୍ବାଦିକ, ଡାକ୍ତର, ଓକିଲ, ଶିଳ୍ପପତି କିମ୍ବା ଚାଷୀ ବା ପ୍ରବାସୀ ଭାରତୀୟ; ଆପଣ ଚାହିଁଲେ ଆପଣଙ୍କ ଜ୍ଞାନ ଓ ଅନୁଭୂତିକୁ ରାଜ୍ୟର କୌଣସି କଲେଜର ଛାତ୍ରଛାତ୍ରୀଙ୍କ ସହ ବାଣ୍ଟିପାରିବେ । ଜଣେ ଡାକ୍ତର ହୋଇଥିଲେ ଆପଣ ଗୋଟିଏ କଲେଜ ଆସି ଛାତ୍ରଛାତ୍ରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିପାରିବେ, ସାମ୍ବାଦିକ ହୋଇଥିଲେ ଆଗ୍ରହୀ ପିଲାଙ୍କୁ ଏହି କ୍ୟାରିୟର୍‌ର କୌଶଳ ଶିଖାଇପାରିବେ ବା ଜଣେ ଚାଷୀ ହୋଇଥିଲେ ଆପଣ ସଫଳ ଚାଷ ବିଷୟରେ ମଧ୍ୟ କହିପାରିବେ ।
- ଜଣେ ବ୍ୟକ୍ତି ବା ଏକାଧିକ ବ୍ୟକ୍ତି ମିଳିତ ଭାବେ କରୁଥିବା ଦାନ ପରିମାଣର ଦୁଇ ଗୁଣା ରାଶି ରାଜ୍ୟ ସରକାର ପ୍ରଦାନ କରିବେ । ଏହି ମିଳିତ ଅର୍ଥ ଶିକ୍ଷାନୁଷ୍ଠାନଗୁଡ଼ିକର ବିକାଶ କ୍ଷେତ୍ରରେ ବିନିଯୋଗ କରାଯିବ ।
- ଆପଣ ଚାହିଁଲେ ଶିକ୍ଷାନୁଷ୍ଠାନ ଲାଗି ଆବଶ୍ୟକ ହେଉଥିବା ବିଭିନ୍ନ ଉପକରଣ ବା ଉପଯୋଗୀ ସେବା ମଧ୍ୟ ପ୍ରଦାନ କରିପାରିବେ । ଯେପରିକି ବିଜ୍ଞାନାଗାର ପାଇଁ ଯନ୍ତ୍ରପାତି, ପାଠାଗାର ପାଇଁ ପୁସ୍ତକ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ବେଞ୍ଚ ଡେସ୍କ, କଂପ୍ୟୁଟର, ଇଣ୍ଟରନେଟ୍ ସଂଯୋଗ, ଏପରିକି ସ୍ମାର୍ଟ କ୍ଲାସ୍ ଇତ୍ୟାଦି ଦାନ କରିପାରିବେ, ଯାହା ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ସହାୟକ ହେବ ।



# 'ମୋ କଲେଜ' ପରିଚାଳନା କମିଟି

'ମୋ କଲେଜ' ଅଭିଯାନ ପରିଚାଳନା ସଙ୍ଗଠନ ଏହାର ପରିଚାଳନା କମିଟି ଦ୍ୱାରା ସଂଚାଳିତ ହୋଇଥାଏ । ଏହି କମିଟିର ମୁଖ୍ୟ ହେଉଛନ୍ତି 'ମୋ କଲେଜ' ଅଧ୍ୟକ୍ଷ, ଯାହାଙ୍କୁ କି ରାଷ୍ଟ୍ରମନ୍ତ୍ରୀ ପାହ୍ୟା ପ୍ରଦାନ କରାଯାଇଛି ।

'ମୋ କଲେଜ' ପରିଚାଳନା କମିଟିରେ ଉପାଧ୍ୟକ୍ଷ ଭାବେ ଉଚ୍ଚଶିକ୍ଷା ବିଭାଗର ଶାସନ ସଚିବଙ୍କୁ ସ୍ଥାନ ଦିଆଯାଇଛି । ସେହିପରି ଏଥିରେ ଜଣେ କୁଳପତି, 'ମୋ କଲେଜ' ଦାୟିତ୍ୱରେ ଥିବା ଉଚ୍ଚଶିକ୍ଷା ବିଭାଗର ଅତିରିକ୍ତ କିମ୍ବା ଯୁଗ୍ମ ଶାସନ ସଚିବ, ବିଭାଗର ଅର୍ଥ ପରାମର୍ଶଦାତା, ରାଜ୍ୟର ଦୁଇଟି ସରକାରୀ ଏବଂ ଦୁଇଟି ଅନୁଦାନପ୍ରାପ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ, 'ମୋ କଲେଜ'ର ଅଫିସର୍ ଅନ୍ ସ୍ପେସିଆଲ୍ ଡ୍ୟୁଟି (ଓଏସଡି) ପ୍ରମୁଖ ସଦସ୍ୟ ଅଛନ୍ତି ।

ଏହାସହିତ ରାଜ୍ୟ ସରକାର ଓ 'ମୋ କଲେଜ୍' ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ବିଭିନ୍ନ କ୍ଷେତ୍ରରୁ (ଶିକ୍ଷା, କଳା, ସାହିତ୍ୟ, ଉଦ୍ୟୋଗ, ବିଜ୍ଞାନ, ଇଞ୍ଜିନିୟରିଂ, ମିଡିଆ, କ୍ରୀଡ଼ା ଓ ସମାଜସେବା ଇତ୍ୟାଦି) ଆସିଥିବା ୩ ଜଣ ସଦସ୍ୟ ରହିବେ । 'ମୋ କଲେଜ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏହି କମିଟିର ଆବାହକ ଓ ସଦସ୍ୟ ସଚିବ ଭାବେ କାର୍ଯ୍ୟ ପରିଚାଳନା କରିବେ ।

# ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ କମିଟି

- 'ମୋ କଲେଜ' ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମର ପରିଚାଳନା ଲାଗି ସ୍ଥାନୀୟ ଶିକ୍ଷାନୁଷ୍ଠାନ କ୍ଷେତ୍ରରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ କମିଟି ଗଠନ କରାଯିବ ।
- ଏହି କମିଟି 'ମୋ କଲେଜ' କାର୍ଯ୍ୟକ୍ରମ ଅଧୀନରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ବିକାଶ ଲାଗି ଖସଡ଼ା ପ୍ରସ୍ତୁତ କରିବା ସହ ତାହାର କାର୍ଯ୍ୟାନ୍ୱୟନ ଦାୟିତ୍ୱ ନେବ ।
- 'ମୋ କଲେଜ' ଅଭିଯାନ ସଙ୍ଗଠନର ପରିଚାଳନା କମିଟିର ପରାମର୍ଶ ଅନୁଯାୟୀ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ କମିଟିଗୁଡ଼ିକ କାର୍ଯ୍ୟ କରିବେ ।



## ମହାବିଦ୍ୟାଳୟସ୍ତରୀୟ କମିଟି

| | | |
|---|---|---|
| ୧ | ମହାବିଦ୍ୟାଳୟର ଅଧ୍ୟକ୍ଷ | କମିଟିର ଅଧ୍ୟକ୍ଷ |
| ୨-୩ | ମହାବିଦ୍ୟାଳୟ ଉନ୍ନୟନ କମିଟିର ଦୁଇ ଜଣ ବରିଷ୍ଠ ପ୍ରତିନିଧି | ସଦସ୍ୟ |
| ୪-୬ | ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ବିଭିନ୍ନ କ୍ଷେତ୍ରରୁ ଆସିଥିବା ୩ ଜଣ ପୁରାତନ ଛାତ୍ରଛାତ୍ରୀ | ସଦସ୍ୟ |
| ୭-୮ | ଶିକ୍ଷା, କଳା, ସାହିତ୍ୟ, ଉଦ୍ୟୋଗ, ବିଜ୍ଞାନ, ଇଞ୍ଜିନିୟରିଂ, ମିଡିଆ, କ୍ରୀଡ଼ା ଓ ସମାଜସେବା ଆଦି କ୍ଷେତ୍ରରୁ ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ଦୁଇଜଣ (ବା ଅଧିକ) | ସଦସ୍ୟ |
| ୯ | ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ 'ମୋ କଲେଜ' ସଂଯୋଜକ | ସଦସ୍ୟ ସଂଯୋଜକ |

## ବିଶ୍ୱବିଦ୍ୟାଳୟସ୍ତରୀୟ କମିଟି

| | | |
|---|---|---|
| ୧ | କୁଳପତି | କମିଟିର ଅଧ୍ୟକ୍ଷ |
| ୨-୩ | ବିଶ୍ୱବିଦ୍ୟାଳୟ ଉନ୍ନୟନ କମିଟିର ଦୁଇ ଜଣ ବରିଷ୍ଠ ପ୍ରତିନିଧି | ସଦସ୍ୟ |
| ୪-୬ | କୁଳପତିଙ୍କ ଦ୍ୱାରା ମନୋନୀତ ବିଭିନ୍ନ କ୍ଷେତ୍ରରୁ ଆସିଥିବା ୩ ଜଣ ପୁରାତନ ଛାତ୍ରଛାତ୍ରୀ | ସଦସ୍ୟ |
| ୭-୮ | ଶିକ୍ଷା, କଳା, ସାହିତ୍ୟ, ଉଦ୍ୟୋଗ, ବିଜ୍ଞାନ, ଇଞ୍ଜିନିୟରିଂ, ମିଡିଆ, କ୍ରୀଡ଼ା ଓ ସମାଜସେବା ଆଦି କ୍ଷେତ୍ରରୁ କୁଳପତିଙ୍କ ଦ୍ୱାରା ମନୋନୀତ ଦୁଇଜଣ (ବା ଅଧିକ) | ସଦସ୍ୟ |
| ୯ | କୁଳପତିଙ୍କ ଦ୍ୱାରା ମନୋନୀତ 'ମୋ କଲେଜ' ସଂଯୋଜକ | ସଦସ୍ୟ ସଂଯୋଜକ |



# ଆର୍ଥିକ ପରିଚାଳନା

- 'ମୋ କଲେଜ' କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟତଃ ଦୁଇଟି ସୂତ୍ରରୁ ଅର୍ଥ ଗ୍ରହଣ କରାଯିବ । (କ) ପୁରାତନ ଛାତ୍ରଛାତ୍ରୀ, ବ୍ୟକ୍ତିବିଶେଷ ବା କୌଣସି ଅନୁଷ୍ଠାନ ସୂତ୍ରରୁ ମିଳୁଥିବା ଦାନ ରାଶି ଏବଂ (ଖ) ଦାତାଙ୍କଠାରୁ ଆସିଥିବା ଦାନ ରାଶିର ଦୁଇ ଗୁଣ ଅର୍ଥ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ ।
- ଏଥିପାଇଁ ଉଚ୍ଚଶିକ୍ଷା ବିଭାଗ ବଜେଟରେ ଓଡ଼ିଶା ସରକାର ଏକ କର୍ପସ୍ ବା ସ୍ଥାୟୀ ପାଣ୍ଠି ସୃଷ୍ଟି କରିଛନ୍ତି । ଦାତାମାନଙ୍କଠାରୁ ଅର୍ଥ ରାଶି ମିଳିବା ପରେ ରାଜ୍ୟ ସରକାରଙ୍କ ଏହି ପାଣ୍ଠିରୁ ତା'ର ଦୁଇଗୁଣା ଅର୍ଥ ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଛି ।
- ତେବେ ଦାତାମାନଙ୍କ ପକ୍ଷରୁ ଆର୍ଥିକ ଦାନ ଛଡ଼ା କୌଣସି ସାମଗ୍ରୀ ବା ସେବା ଆକାରରେ ଆସୁଥିବା ଦାନ ବାବଦରେ ରାଜ୍ୟ ସରକାରଙ୍କୁ କିଛି ଦେବାକୁ ପଡ଼ିବ ନାହିଁ ।
- 'ମୋ କଲେଜ' ଅଧୀନରେ ଦାତାଙ୍କଠାରୁ ଆସୁଥିବା ଦାନ ବାଧ୍ୟତାମୂଳକ ନୁହେଁ । ତେଣୁ ଓଡ଼ିଶାର ଉଚ୍ଚଶିକ୍ଷା ଅନୁଷ୍ଠାନର ବିକାଶ ପାଇଁ ସ୍ୱେଚ୍ଛାକୃତ ଭାବେ ଆପଣ ଅର୍ଥ, ସାମଗ୍ରୀ, ସମୟ ବା ସେବା ପ୍ରଦାନ କରିପାରିବେ ।
- 'ମୋ କଲେଜ ଅଭିଯାନ' ଅଧୀନରେ ଆସୁଥିବା ଦାନ କେବଳ ଚେକ୍, ଡ୍ରାଫ୍ଟ କିମ୍ବା ଇଲେକ୍ଟ୍ରୋନିକ୍ ଟ୍ରାନ୍ସଫର୍ ଜରିଆରେ ହିଁ ଗ୍ରହଣ କରାଯିବ ।
- 'ମୋ କଲେଜ' ଅଭିଯାନ ଅଧୀନରେ ସମସ୍ତ ଆର୍ଥିକ କାରବାରରେ ସ୍ୱଚ୍ଛତା ରକ୍ଷା ଲାଗି ବିଶେଷ ଶୃଙ୍ଖଳା ବା ପରିଚାଳନା ବ୍ୟବସ୍ଥା କରାଯାଇଛି ।
- ଗୋଟିଏ ଆର୍ଥିକ ବର୍ଷରେ କୌଣସି ଏକ ଅନୁଷ୍ଠାନକୁ ୫୦ ଲକ୍ଷ ପର୍ଯ୍ୟନ୍ତ ରାଶି ଓଡ଼ିଶା ସରକାରଙ୍କ ତରଫରୁ ପ୍ରଦାନ କରାଯାଇପାରିବ । ସରକାର ଚାହିଁଲେ ଏହି ନୀତିରେ କୋହଳ କରିପାରିବେ ।
- ମୋ କଲେଜକୁ ଦେଇଥିବା ଆର୍ଥିକ ଅନୁଦାନ ଉପରେ ଦାତା ଆୟକର ଆଇନର ଧାରା ୮୦-ଜି ଅନୁଯାୟୀ କର ରିହାତି ପାଇପାରିବେ ।





**'ମୋ କଲେଜ'** ଏକ ପ୍ରଗତିଶୀଳ ଚିନ୍ତାଧାରା । ଏହା ମାଧ୍ୟମରେ ବିଭିନ୍ନ ଉଚ୍ଚଶିକ୍ଷା ଅନୁଷ୍ଠାନର ଶିକ୍ଷା ଓ ସାମଗ୍ରିକ ପରିବେଶରେ ଉନ୍ନତି ସହ ଛାତ୍ରଛାତ୍ରୀଙ୍କର ବ୍ୟକ୍ତିତ୍ୱ ଓ ଜୀବନ ବିକାଶ ଦିଗରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ । ତା' ଭିତରେ ରହିଛି ପୁରାତନ ଛାତ୍ରଛାତ୍ରୀଙ୍କ ସହ ସଂଯୋଗ, ଶିକ୍ଷା ଭିତ୍ତିଭୂମିରେ ଉନ୍ନତି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦକ୍ଷତା ବିକାଶ, ଜ୍ଞାନକୌଶଳର ଆଦାନପ୍ରଦାନ, କ୍ୟାରିୟର୍ କାର୍ଯ୍ୟକ୍ରମ, ଶିଳ୍ପ ସଂଯୋଗ, ଡିଜିଟାଲ୍ ଟେକ୍ନୋଲୋଜିର ବ୍ୟବହାର, ପ୍ରତିଭା ଅନ୍ୱେଷଣ ଏବଂ ଦେଶ ଗଠନ ଇତ୍ୟାଦି । ଏହିସବୁ ବିଷୟକୁ ଆଧାରକରି ଆଗାମୀ ଦିନରେ ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମ ହାତକୁ ନିଆଯିବ ।

**ମୋ କଲେଜ ଅଭିଯାନ ପରିଚାଳନା ସଂଗଠନ**
ଏ-୧ ବ୍ଲକ୍, ପଞ୍ଚମ ମହଲା, ତୋଷାଳୀ ଭବନ
ସତ୍ୟନଗର, ଭୁବନେଶ୍ୱର (ଓଡ଼ିଶା) ପିନ୍: ୭୫୧ ୦୦୭
ଫୋନ୍: ୦୬୭୪ - ୨୫୭୫ ୪୪୪/ ୨୫୭୨ ୪୪୪

ୱେବ୍‌ସାଇଟ୍: www.mocollegeodisha.in
ଇମେଲ୍: info@mocollegeodisha.in
MoCollegeAbhijan mocollegeodisha
MoCollegeMCAPS MoCollegeOdisha

Layout & Design: OL Digital